# Akashvani, Sambalpur

## SAMBALPURI NEWS EVENING BULLETIN

## 4 August 2025- 7.02 pm- 7.12 pm.

*********************************************

୧- ପ୍ରବାସୀ ଶ୍ରମିକ୍‌ମାନ୍‌କର୍ ଭିନ୍ ଭିନ୍ ସମସ୍ୟାର୍ ସମାଧାନ୍ ଲାଗି ଆଏଜ୍‌ଠାନୁ ମୁଲ୍ ହେଲା ଭ୍ରାମ୍ୟମାଣ ପ୍ରବାସୀ ସାଧନ୍ କେନ୍ଦ୍ର ।

୨- ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନ୍‌କୁ ବିନା ସୁଧଥି ୧୦ ଲାଖ୍ ଟଙ୍କାତକ୍ ଋଣ ଦେବେ ରାଜ୍ୟ ସରକାର୍ ।

୩- ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ହେଉଛେ ମହାପ୍ରଭୁଙ୍କର୍ ଝୁଲଣ ଯାତ୍ରା ।

ଆଉର୍

୪- ଓଡ଼ିଶାର୍ ପହେଲା ସମ୍ବାଦପତ୍ର ଉତ୍କଳ ଦିପିକାର୍ ଗୌରବ୍‌ମୟ ଇତିହାସ୍‌କେ ସୋର୍ କରିକରି ଆଏଜ୍ ପାଲନ୍ କରାଯାଉଛେ ଓଡ଼ିଆ ସାମ୍ବାଦିକତା ଦିବସ୍ ।

ପ୍ରବାସୀ ସାଧନ୍ କେନ୍ଦ୍ର ଉଦ୍‌ଘାଟିତ୍ ଆର୍‌ଏନ୍‌ୟୁ/ କଟକ୍

ଭୁବ୍‌ନେଶ୍ୱର୍ କୃଷି ଭବନ୍ ଠାନେ ଭ୍ରାମ୍ୟମାଣ ପ୍ରବାସୀ ସାଧନ୍ କେନ୍ଦ୍ରକେ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଆଏଜ୍ ଶୁଭାରମ୍ଭ କରିଛନ୍ । ଇ ଅବ୍‌ସରେ ଶ୍ରୀ ସିଂହଦେଓ କହିଛନ୍, ପ୍ରବାସୀ ଶ୍ରମିକ ଆଉ ସେମାନ୍‌କର୍ ଭିନ୍ ଭିନ୍ ସମସ୍ୟାର୍ ସମାଧାନ୍ ଲାଗି ଇ ସାଧନ୍ କେନ୍ଦ୍ର ସହଯୋଗ୍ କର୍‌ବା । ପହେଲା ଖେପେ ଗଞ୍ଜାମ୍ ଆଉ କେନ୍ଦ୍ରାପଡ଼ା ଜିଲ୍ଲା ଲାଗି ଇଟା ମୁଲ୍ ହେଇଛେ । ପ୍ରବାସୀ ଶ୍ରମିକମାନେ ସାମ୍ନା କରୁଥିବା ଭିନ୍ ଭିନ୍ ସମସ୍ୟା ଦୂର୍ କର୍‌ବାର୍ ଲାଗି ଇ ଭ୍ରାମ୍ୟମାଣ ସାଧନ୍ କେନ୍ଦ୍ର ସାଙ୍ଗେ ଟୋଲ୍ ଫ୍ରି ନମ୍ବର୍‌ର ଭିଲ୍ ବ୍ୟବସ୍ଥା କରାଯାଇଛେ ।

ସୁଭଦ୍ରା -ବାର୍ତାଲାପ କାର୍ଯ୍ୟକ୍ରମ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ମହିଲା ସ୍ୱୟଂ ସହାୟକ ଗୋଷ୍ଠୀମାନ୍‌କୁ ବିନା ସୁଧଥି ୧୦ ଲାଖ୍ ଟଙ୍କାତକ୍ ଋଣ ଯୁଗେଇ ଦେବାର୍‌କେ ରାଜ୍ୟ ସର୍‌କାର୍ ପ୍ରାଥମିକତା ଦେଉଛନ୍ ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ଭୁବ୍‌ନେଶ୍ୱର୍ ଠାନେ ମହିଲା ଆଉ ଶିଶୁବିକାଶ୍ ବିଭାଗ୍ ତର୍‌ଫୁ ଆଏଜ୍ ସୁଭଦ୍ରା ହିତାଧିକାରୀମାନ୍‌କର୍ ସଙ୍ଗେ ବାର୍ତାଲାପ କାର୍ଯ୍ୟକ୍ରମ୍‌ଥି

ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ସବୁ ଜିଲ୍ଲାର୍ ସୁଭଦ୍ରା ଭଉଣୀ ମାନ୍‌କର୍ ସହେତେ ଆଭାସୀ ଜରିଏ କଥା ହେଇକରି ସୁଭଦ୍ରା ସାହାଜ୍ ବେଭାର୍ ବାବ୍‌ଦେ ଆଲୋଚନା କରିଥିଲେ । ସୁଭଦ୍ରା ଭଉଣୀ ମାନ୍‌କର୍ ଲାଗି ଗାଁ ଅର୍ଥନୀତି ଆଉ ଗାଁଥି ଡିଜିଟାଲାଇଜେସନ୍ ବର୍‌କସ୍ ହେଇପାରୁଛେ ବଲି ଉପମୁଖ୍ୟମନ୍ତ୍ରୀ କହିଛନ୍ । ଯୋଜ୍‌ନାକେ ଆହୁରି ଫଳପ୍ରଦ କର୍‌ବାର୍ ଲାଗି ସୁଭଦ୍ରା ହିତାଧିକାରୀମାନେ ମହିଳା ଆଉ ଶିଶୁବିକାଶ୍ ବିଭାଗ୍‌କେ ନାହେତ ଉପମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିକରି ନିଜର୍ ମତାମତ୍ ଦେବାର୍ ଲାଗି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ । କାର୍ଯ୍ୟକ୍ରମ୍‌ଥି ମହିଳା ଆଉ ଶିଶୁବିକାଶ୍ ବିଭାଗ୍ ପ୍ରମୁଖ ଶାସନ୍ ସଚିବ ଶୁଭା ଶର୍ମା, ବିଭାଗୀୟ ନିର୍ଦ୍ଦେଶିକା ମୋନୀଷା ବାନାର୍ଜୀ ଆଉ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ଶିବୁ ସୋରେନ୍‌ଙ୍କର୍ ପରଲୋକ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଝାର୍‌ଖଣ୍ଡ୍‌ର ଆଘର୍ ମୁଖ୍ୟମନ୍ତ୍ରୀ ଶିବୁ ସୋରେନ୍‌ଙ୍କର୍ ନୂଆଦିଲ୍ଲୀ ନ ଆଏଜ୍ ସଖାଲେ ପରଲୋକ୍ ହେଇଯାଇଛେ । ତାଙ୍କୁ ୮୧ ବଛର୍ ବୟସ୍ ହେଇଥିଲା । ଶିବୁ ସୋରେନ୍‌ଙ୍କର୍ ପରଲୋକ୍‌ଥି ଝାର୍‌ଖଣ୍ଡ୍ ନ ଆଏଜ୍‌ଠାନୁ ଆଏବା ୬

ତାରିଖ୍‌ତକ୍ ୩ ଦିନିଆ ଶୋକ ପାଲନ୍ କରାଯାଉଛେ। ସ୍ୱର୍ଗତ୍ ସୋରେନ୍‌ଙ୍କର୍ ବିୟୋଗ୍‌ଥି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆର୍ ବହୁତ୍ ବିଶିଷ୍ଟ ବ୍ୟକ୍ତିବିଶେଷ୍ ଶୋକ ପ୍ରକାଶ୍ କରିଛନ୍।

ନୂଆଁ ବିଚାର୍‌ପତି ଶପଥ୍ ପାଠ୍ କଟକ୍ ସମ୍ବାଦଦାତା

ହାଇକୋର୍ଟ ମୁଖ୍ୟ ବିଚାର୍‌ପତି ଜଷ୍ଟିସ୍ ହରିଶ୍ ଟଣ୍ଡନ୍ ନୂଆଁ କରି ଯୋଗ୍ ଦେଇଥିବା ଜୁନିଅର୍ ଡିଭିଜନ୍ ୩୩ ଝନ୍ ଦେଓ୍ୱାନୀ ବିଚାର୍‌ପତିଙ୍କୁ ଆଏଜ୍ ପଦ ଆଉ ଗୋପନୀୟତାର୍ ଶପଥ୍ ପାଠ୍ କରେଇଛନ୍। କଟକ୍ ଜୁଡ଼ିସିଆଲ୍ ଏକାଡେମୀ ପରିସର୍ ନ ଗୁଟେ ଖାସ୍ ଉତ୍ସବ୍‌ଥି ମୁଖ୍ୟ ବିଚାର୍‌ପତି ଜଷ୍ଟିସ୍ ଟଣ୍ଡନ୍ ତୁର୍‌ତି ନ୍ୟାୟ ଦେବାର୍, ବିଚାର୍ ବିଭାଗ୍ ବ୍ୟବସ୍ଥାଥି ସଚ୍ଚୋଟତା ଆଉ ଦାୟିତ୍ୱର୍ ସହେତେ କାମ୍ କର୍‌ବାର୍‌କେ ନୂଆଁ ବିଚାର୍‌ପତିମାନ୍‌କୁ ପରାମର୍ଶ ଦେଇଛନ୍। ଇ ଅବ୍‌ସରେ ମୁଖ୍ୟ ବିଚାର୍‌ପତି ନ୍ୟୁଜ୍ ଲେଟର୍ ବିଦ୍ୟା ର ଉନ୍ମୋଚନ୍ କରିଥିଲେ। ଉତ୍ସବ୍‌ଥି ହାଇକୋର୍ଟର ବିଚାର୍‌ପତି, ଆଡ୍‌ଭୋକେଟ୍ ଜେନେରାଲ୍ ପିତାମ୍ବର୍ ଆଚାର୍ଯ୍ୟ, ଡେପୁଟି ସଲିସିଟର୍ ଜେନେରାଲ୍ ପ୍ରସନ୍ନ

ପାଢ଼ୀଙ୍କର୍ ସହେତେ ରାଜ୍ୟ ଆଇନ୍ ସେବା ପ୍ରାଧିକରଣ୍ରେ ବହୁତ୍ଟେ ଅଧିକାରୀ ଉପସ୍ଥିତ୍ ଥିଲେ ।

ନାଇଟ୍ସିଫ୍ଟ ମହିଲା ଭୁବ୍ନେଶ୍ୱର୍ ସମ୍ବାଦଦାତା

ରାଏଜେ ଥିବା ବ୍ୟବସାୟିକ ପ୍ରତିଷ୍ଠାନ୍ ଆର୍ କାର୍ଖାନାମାନ୍କେ ମହିଲାମାନେ ନାଇଟ୍ ସିଫ୍ଟ କାମ୍ କରିପାର୍ବେ । ଇ ବାବ୍ଦେ ଶ୍ରମ ବିଭାଗ୍ ତର୍ଫୁ ବିଜ୍ଞପ୍ତି ବାହାରିଛେ । ନାଇଟ୍ ସିଫ୍ଟ ଲାଗି ମହିଲାମାନ୍କର୍ ଠାନୁ ଲିଖିତ୍ ସହମତି ପତ୍ର ନେବାର୍ ବାଧତାମୂଲକ୍ କରାଯାଇଛେ । ଇତାର୍ସହେତେ ନାଇଟ୍ ସିଫ୍ଟ ସମିଆଥି ଅତି କମ୍ଥି କର୍ମକ୍ଷେତ୍ର ନ ୩ ଝନ୍ ମହିଲା କର୍ମଚାରୀ କାମ୍ କର୍ବେ । ଜିପିଏସ୍ ଟ୍ରାକିଂ ସହେତେ ସେମାନ୍କୁ ଗାଡ଼ି ସୁବିଧା ଯୁଗେଇ ଦିଆଯିବା । କର୍ମଚାରୀ ମାନ୍କୁ ଆନ୍ବାର୍ ଲାଗି ଥିବା ଡ୍ରାଇଭର୍ ମାନ୍କର୍ ପୁରା ତଥ୍ୟ ପୁଲିସ୍ ପାଖେ ରହେବା ବଲି ବିଜ୍ଞପ୍ତିଥି କୁହାଯାଇଛେ । ଇ ବାବ୍ଦେ ଶ୍ରମମନ୍ତ୍ରୀ ଗଣେଶ୍ ରାମ୍ ଖୁଂଟିଆ କହିଛନ୍, ଇ ନିଷ୍ପତିଥି ମହିଲାମାନେ ବର୍କସ୍ ହେବେ । ସର୍କାର୍ ମହିଲା ଆଉ ପୁରୁଷମାନ୍କର୍ ଭିତ୍ରେ ତାରତମ୍ୟ କମାବାର୍ ଦିଗେ କାମ୍ କରୁଛନ୍ । ହେଲେ ନାଇଟ୍ ସିଫ୍ଟ ସମିଆଥି ମହିଲାମାନ୍କର୍ ସୁରକ୍ଷାକେ

ସର୍ବାଧିକ ପ୍ରାଥମିକତା ଦିଆଯିବା ବଲି ଶ୍ରୀ ଖୁଂଟିଆ କହିଛନ୍ ।

ପାଉଁଶ ନିଷ୍କାସନ୍ ଆର୍ଏନ୍ୟୁ/ କଟକ୍

ରାଜ୍ୟର୍ ଭିନ୍ ଭିନ୍ ତାପଜ କେନ୍ଦ୍ରନୁ ଖାର୍ ବାହାର୍ କର୍ବାର୍ ବାବ୍ଦେ ଇ ହପ୍ତା ନୂଆଁ ମାର୍ଗଦର୍ଶିକା ଜାରି କରାଯିବା ବଲି ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । କେନ୍ଦ୍ର ଆଉ ରାଜ୍ୟର୍ ସଂସ୍ଥା ମାନ୍କର୍ ସଙ୍ଗେ ସର୍କାର୍ ଖାର୍ ବନ୍ଧ୍ ବାବ୍ଦେ ଆଲୋଚନା କରୁଛନ୍ । ଗାଁ ଆର୍ ଲୁକେ ରହୁଥିବା ଇଲାକା ନ ଖାର୍ ବନ୍ଧ୍ ନାଇଁ କର୍ବାର୍ ଆଉ ଟ୍ରକ୍ଥି ଖାର୍ ନାଇଁ ନେଇକରି ପାଇପ୍ ଥି ଜନବସତି ନାଇଁ ଥିବା ଜାଗା ନ ଖାର୍ ପରିବହନ୍ ଉପ୍ରେ ଜୋର୍ ଦିଆଯାଉଛେ । ତଲାବିରା ଖାର୍ ବନ୍ଧ୍ ଲାଗି କମ୍ପାନୀ ତର୍ଫୁ ପ୍ରସ୍ତାବ୍ ଆସିଛେ । ଜିଲ୍ଲା ପ୍ରଶାସନ୍ ସାଙ୍ଗେ ଆଲୋଚନା କରିକରି ଆଏବା ଦିନେ ପଦକ୍ଷେପ୍ ନିଆଯିବା ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ । ସୂଚ୍ନା ଅନ୍ସାରେ, କୁଇଲା ନୁ ତାପଜ ବିଦ୍ୟୁତ୍ ଉତ୍ପାଦନ୍ ହେଉଥିବାର୍ନୁ ସମ୍ବଲ୍ପୁର୍, ଝାର୍ସୁଗୁଡ଼ା, ସୁନ୍ଦର୍ଗଡ୍ ଆର୍ ଅନୁଗୁଲ୍ ଜିଲ୍ଲା ଖାର୍ଥି ଖାସ୍ କରି ପ୍ରଭାବିତ୍ ହେଉଛେ ।

ଔଷଧ ମୂଲ୍ୟ ହ୍ରାସ          ଆର୍‌ଏନ୍‌ୟୁ/ କଟକ୍

ଜାତୀୟ ଔଷଧ ମୂଲ୍ୟ ନିର୍ଦ୍ଧାରଣ୍ କର୍ତୃପକ୍ଷ -ଏନ୍.ପି.ପି.ଏ. ୩୭ ଟା ଖୋବ୍ ଜରୁରୀ ଉଷୋର୍ ଦାମ୍ କମ୍ କରିଛନ୍ । କେନ୍ଦ୍ର ରସାୟନ ଆଉ ସାର ମନ୍ତ୍ରଣାଳୟ ଔଷଧ ମୂଲ୍ୟ ନିୟନ୍ତ୍ରଣ ଆଇନ୍-୨୦୧୩ ଅନ୍‌ସାରେ ଦାମ୍ କମ୍ କର୍‌ବାର୍ ବାବଦ୍ ବିଜ୍ଞପ୍ତି ଜାରି କରିଛେ । ସେ ଭିତ୍‌ରେ ସଂକ୍ରମଣ୍, ହୃଦ୍ ରୋଗ୍ ଠାନୁ ନେଇକରି ମଧୁମେହ ଆର୍ ଭିଟାମିନ୍ ଅଭାବ୍ ତକ୍ ଭିନ୍ ଭିନ୍ ରୋଗ୍‌ର ଚିକିତ୍ସା ଲାଗି ବେଭାର୍ ହଉଥିବା ଉଷୋ ରହିଛେ ।

ଫାଇଲେରିଆ- ଉଷୋ          ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଏଜେ ଲିମ୍ଫାଟିକ୍ ଫାଇଲେରିଆ ରୋଗ୍‌ର ନିରାକରଣ୍ ଲାଗି ୧୨ ଜିଲ୍ଲାର୍ ଧାରିଜ୍ ବ୍ଲକ୍ ମାନ୍‌କେ ସାମୂହିକ ଉଷୋ ସେବନ୍ କାର୍ଯ୍ୟକ୍ରମ୍ ହେବା । ଇ ବାବ୍‌ଦେ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ବିଭାଗ୍‌ର ସହଯୋଗ୍‌ଥି ରାଜ୍ୟର୍ ୪୭ ଟା ଏକଲବ୍ୟ ଆବାସିକ ବିଦ୍ୟାଳୟ ନ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଅଏତ୍‌କା

ଜନସଚେତନତା ସୃଷ୍ଟି ଉପ୍‌ରେ ଜୋର୍ ଦିଆଯିବାର୍ ସହେତେ ମିଲିତ ପ୍ରୟାସ୍ ଜରିଏ ଫାଇଲେରିଆର୍ ମୂଳୋତ୍ପାଟନ୍ ହେଇପାର୍‌ବା ବଲି ମତପ୍ରକାଶ୍ ପାଇଥିଲା ।

ଶ୍ରୀମନ୍ଦିର୍ ଝୁଲଣ ଯାତ୍ରା          ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ଶ୍ରାବଣ୍ ଉଜଲ୍‌ପଖର୍ ଦଶମୀ ତିଥି ନ ମହାପ୍ରଭୁଙ୍କର୍ ଝୁଲଣ ଯାତ୍ରା ଚାଲିଛେ । ଇଥିର୍‌ଲାଗି ମୁକ୍ତିମଣ୍ଡପ୍ ସାମ୍ନା ନ ଖାସ୍ ଝୁଲଣ କୁଞ୍ଜ ତିଆର୍ ହେଇଛେ । ମହାପ୍ରଭୁଙ୍କର୍ ଆଜ୍ଞାମାଳ ଆସ୍‌ଲା ଉତ୍‌ରୁ ଶ୍ରୀ ମଦନ୍ ମୋହନ୍, ଶ୍ରୀଦେବୀ ଆର୍ ଭୂଦେବୀ ଝୁଲଣ୍‌ଥି ବିଜେ ହେଇକରି କୁଞ୍ଜ ଲୀଳା କରୁଛନ୍ । ସନ୍ଧ୍ୟାଧୂପ ଶେଷ୍ ହେବାର୍ ଉତ୍‌ରୁ ଝୁଲଣ ମଣ୍ଡପ୍ ନ ସୁଦୁସୁଆର ପାଏନ୍ ପକାବାର୍ ଉତ୍‌ରୁ ଆସ୍ଥାନ୍ ପ୍ରତିହାରି ଶୀତଳ ଭୋଗ ପୂଜାପାଠ କରିଛନ୍ ।

ଶ୍ରାବଣ୍ ଶେଷ୍ ସୋମ୍‌ବାର/ ଆର୍‌ଏନ୍‌ୟୁ ସମ୍ବଲପୁର/ ସୁବର୍ଣ୍ଣପୁର

ରାଜ୍ୟର୍ ଭିନ୍ ଭିନ୍ ମହାଦେବ୍ ଗୁଡ଼ି ମାନ୍‌କେ ଶ୍ରାବଣ୍ ମାସର୍ ଶେଷ୍ ସୋମ୍‌ବାର୍ ଦିନ ପାଏନ୍ ଢାଲ୍‌ବାର୍ ଲାଗି ଆଏଜ୍

କାଉଡ଼ିଆମାନ୍‌କର୍ ବହୁତ୍ ଭିଡ଼୍ ହେଇଥିଲା । ଶ୍ରଦ୍ଧାଲୁମାନ୍‌କର୍ ଭିଡ଼୍‌କେ ନଜର୍‌ଥି ରଖିକରି ମନ୍ଦିର୍ ପ୍ରଶାସନ୍ ତର୍‌ଫୁ ଖାସ୍ ବ୍ୟବସ୍ଥା କରାଯାଇଥିଲା । ଭୁବ୍‌ନେଶ୍ୱର୍‌ର ଲିଙ୍ଗରାଜ୍ ମନ୍ଦିର୍ ନ ପାନି ଢାଲ୍‌ବାର୍ ଲାଗି ଶ୍ରଦ୍ଧାଲୁମାନ୍‌କର୍ ଭିନ୍ ଲାଗି ରହିଛେ । ସୁବର୍ଣ୍ଣପୁର୍ ଜିଲ୍ଲାର୍ ଭିନ୍ ଭିନ୍ ଶୈବ ପୀଠମାନ୍‌କେ ଭକ୍ତମୟ ପରିବେଶ୍ ହେଇଛେ । ଜିଲ୍ଲାର୍ ପ୍ରସିଦ୍ଧ ଶୈବପୀଠ ବାବା ପର୍ଶ୍ଚିମ ସୋମ୍‌ନାଥ୍ ଆଏଜ୍ ବଡ଼ସିଂହାର ବେଶଥି ଭକ୍ତମାନ୍‌କୁ ଦର୍ଶନ୍ ଦଉଛନ୍ ।

ଜନସୁରକ୍ଷା ଯୋଜ୍‌ନା ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଜନସୁରକ୍ଷା ଯୋଜ୍‌ନା ଅଧୀନ୍‌ଥି ଗ୍ରାମ୍ ପଂଚାୟତ୍‌ସ୍ତରୀୟ ପରିପୂର୍ତ୍ତି ଅଭିଯାନ୍ ମୁଲ୍ ହେଇଛେ । ପ୍ରଧାନ୍‌ମନ୍ତ୍ରୀ ଜନଧନ୍ ଯୋଜ୍‌ନାଥି ଖାତା ଖୁଲାଯିବାର୍‌ଟା ଇ ଅଭିଯାନ୍‌ର ଉଦ୍ଦେଶ୍ ଆଏ । ପ୍ରଧାନ୍‌ମନ୍ତ୍ରୀ ଜୀବନ୍ ଜ୍ୟୋତି ଆଉ ପ୍ରଧାନ୍‌ମନ୍ତ୍ରୀ ସୁରକ୍ଷା ବୀମା ଯୋଜ୍‌ନାଥି ନାମାଙ୍କନ୍, ଅଟଲ୍ ପେନ୍‌ସନ୍ ଯୋଜ୍‌ନାଥି ନାମାଙ୍କନ୍, ଅଚଲ୍ ହେଇଥିବା ଖାତାର୍ ଫେର୍‌ଘାଏ ପ୍ରମାଣିକରଣ୍ ଆଉ ଡିଜିଟାଲ୍ ଠକେଇ ଅଭିଯୋଗ୍ ଆଉ ସମାଧାନ୍ ବିଷେ

ସଚେତନତା ସୃଷ୍ଟି କରାଯିବା । ଇ ଅଭିଯାନ୍ ଆଏବା ମାସ ୩୦ ତାରିଖ୍‌ତକ୍ ଜାରି ରହେବା ।

ବିଏଡ୍ ଆବେଦନ୍ ଆର୍‌ଏନ୍‌ୟୁ/ କଟକ

୩ ବଛ୍‌ରିଆ ଇଂଟିଗ୍ରେଟେଡ୍ ବିଏଡ୍ ଆର୍ ଏମ୍‌ଏଡ୍ ପାଠ୍ୟକ୍ରମ୍‌ଥି ଅନ୍‌ଲାଇନ୍ ଆବେଦନ୍ କାମ୍ ଆଏଜ୍‌ଠାନୁ ମୁଲ୍ ହେଇଛେ । ଛାତ୍ରଛାତ୍ରୀମାନେ ଆଏବା ୧୭ ତାରିଖ୍‌ତକ୍ ସାମ୍ସ ୱେବ୍‌ସାଇଟ୍‌ଥି ଆବେଦନ୍ କରିପାର୍‌ବେ । ୧୮ ତାରିଖ୍ ଦିନ ଆବେଦନ୍ ଫର୍ମଥି ରହିଥିବା ଭୁଲ୍‌ଭଟ୍‌କା ସୁଧ୍‌ରାବାର୍ ଲାଗି ସମିଆ ଧାରିଜ୍ କରାଯାଇଛେ । ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ଆବେଦନ୍ ପ୍ରକ୍ରିୟା ବାବ୍‌ଦେ ବିଜ୍ଞପ୍ତି ଜାରି କରାଯାଇଛେ ।

ଓଡ଼ିଆ ସାମ୍ବାଦିକତା ଦିବସ ଆର୍‌ଏନ୍‌ୟୁ/ ସମ୍ବଲପୁର

୧୮୬୬ ମସିହା ଆଝିର୍ ଦିନେ ବାହାରିଥିଲା ଓଡ଼ିଶାର୍ ପହେଲା ସମ୍ବାଦପତ୍ର ଉତ୍କଳ ଦୀପିକା । ଓଡ଼ିଶାର୍ ଜନଜୀବନ୍‌କେ ବାଟ୍ କଢ଼ାବାର୍‌ଥି ଉତ୍କଳ ଦୀପିକାର୍ ଅବଦାନ୍‌କେ ସୋର୍ କରିକରି ଆଝିର୍ ଦିନ୍‌କେ ଓଡ଼ିଆ ସାମ୍ବାଦିକତା ଦିବସ୍ ଭାବେ ପାଲନ୍ କରାଯାଉଛେ । ଉତ୍କଳ ଦୀପିକା ପହେଲା ସାପ୍ତାହିକ୍

ଆଉ ତାର୍ ଉତ୍‌ରୁ ଦୈନିକ୍ ଖବର୍ କାଗଜ୍ ଭାବେ ପ୍ରକାଶିତ୍ ହେଉଥିଲା । ଗୌରୀଶଙ୍କର୍ ରାୟ ଇତାର୍ ପହେଲା ସମ୍ପାଦକ୍ ଥିଲେ । ଉତ୍କଳ ଦିପିକା ଯୁକ୍ତିନିଷ୍ଠ, ସରଲ୍, ସୁଗମ୍ ଆଉ ପ୍ରାସଙ୍ଗିକ ଖବର୍ ଲାଗି ପରିଚିତ ଥିଲା ।

ଆଏଜ୍ ଓଡ଼ିଆ ସାମ୍ବାଦିକ୍ ଦିବସ୍ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଶୁଭେଚ୍ଛା ଜନେଇକରି କହିଛନ୍, ସାଧାରଣ୍ ଲୁକଙ୍କର୍ ସ୍ୱର ଆଉ ଗଣତନ୍ତ୍ରର୍ ୪ ନମ୍ବର୍ ସ୍ତମ୍ଭ ଭାବେ ଲୁକଙ୍କର୍ କଲ୍ୟାଣ୍, ଓଡ଼ିଆ ଭାଷା ସାହିତ୍ୟର୍ ପ୍ରଚାର୍ ଲାଗି ସମ୍ବାଦପତ୍ରର୍ ଭୂମିକା ଗୁରୁତ୍ୱପୂର୍ଣ୍ଣ ।

ମିଲିତ୍ ଜନ ଅଭିଯୋଗ୍ ଶୁଣାଣି

ବୌଦ୍ଧ/ ସୁବର୍ଣ୍ଣପୁର୍/ ଦେବ୍‌ଗଡ଼୍/ କଲାହାଣ୍ଡି

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲା ନ ଆଏଜ୍ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକ୍‌ମାନେ ମିଲିତ୍ ଜନ ଅଭିଯୋଗ୍ ଶୁଣାଣି କରିଛନ୍ ।

ସୁବର୍ଣ୍ଣପୁର୍ ଜିଲ୍ଲା ସଦର୍ ବ୍ଲକ୍ ନ ହେଇଥିବା ଜନଶୁଣାଣି ଶିବିର୍‌ଥି ୩୫ ଟା ଅଭିଯୋଗ୍ ଆସିଥିଲା ।

ବୌଦ୍ଧର ମୁର୍ଷୁଣ୍ଡି ଥିବା ସଦର୍ ବ୍ଲକ୍ କାର୍ଯ୍ୟାଳୟ ଠାନେ ଜନଅଭିଯୋଗ୍ ଶୁଣାଣି ଶିବିର୍ ହେଇଯାଇଛେ । ଶିବିର୍ଥି ୭୦ ଟା ଅଭିଯୋଗ୍ ଆସିଥିଲା ।

ଦେବ୍ଗଡ଼୍ ଜିଲ୍ଲାପାଲ୍ଙ୍କର୍ ବିକାଶ୍ ଭବନ୍ ସମ୍ମିଲନୀ କକ୍ଷ ନ ହେଇଥିବା ଜନଶୁଣାଣି ଶିବିର୍ଥି ୨୮ ଟା ଅଭିଯୋଗ୍ ଆସିଥିଲା ।

କଲାହାଣ୍ଡି ଜିଲ୍ଲାପାଲ୍ଙ୍କର୍ କାର୍ଯ୍ୟାଳୟ ସଦ୍ଭାବନା ସଭାଗୃହ ନ ହେଇଥିବା ଜନଶୁଣାଣି ଶିବିର୍ଥି ଶହେ ୨୨ ଟା ଅଭିଯୋଗ୍ ପଞ୍ଜିକରଣ୍ ହେଇଛେ । ସେଥୁ ୨୭ ଟା ଅଭିଯୋଗ୍ର ତୁର୍ତି ସମାଧାନ୍ କରାଯାଇଥିବାର୍ ବେଲେ ୬ ଝନ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିନୁ ଆର୍ଥିକ୍ ସାହାଜ୍ ଦିଆଯାଇଛେ ।

ଶିବିର୍ ମାନ୍କେ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକ ମାନେ ଅଭିଯୋଗ୍ ମାନ୍କୁ ଗ୍ରହଣ୍ କରିକରି ତୁର୍ତି ସମାଧାନ୍ କର୍ବାର୍କେ ବିଭାଗୀୟ ଅଧିକାରୀମାନ୍କୁ ନିର୍ଦ୍ଦେଶ୍ ଦେଇଛନ୍ ।

ସମ୍ପୂର୍ଣ୍ଣତା ଅଭିଯାନ୍ ସମ୍ମାନ୍ ସମାରୋହ  କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍ନା ଟାଉନ୍ ହଲ୍ ଠାନେ ଜିଲ୍ଲା ପ୍ରଶାସନ୍ ତର୍ଫୁ ଆଏଜ୍ ସମ୍ପୂର୍ଣ୍ଣତା ଅଭିଯାନ୍ ସମ୍ମାନ୍

ସମାରୋହ ଆଉ ଆକାଂକ୍ଷା ହାଟ୍‌ର ଶୁଭାରମ୍ଭ ହେଇଛେ । କାର୍ଯ୍ୟକ୍ରମ୍‌ଥି ଧରମ୍‌ଗଡ୍ ବିଧାୟକ୍ ସୁଧୀର୍ ରଞ୍ଜନ୍ ପାଟଯୋଷୀ, ଜୁନାଗଡ୍ ବିଧାୟକ୍ ଦିବ୍ୟଶଙ୍କର୍ ମିଶ୍ର, ଜିଲ୍ଲାପାଲ୍ ପାଓ୍ୱାର୍ ସଚିନ୍ ପ୍ରକାଶ୍ ପ୍ରମୁଖ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ଟାଉନ୍‌ହଲ୍ ଠାନେ ହେଇଥିବା ଆକାଂକ୍ଷା ହାଟ୍‌କେ ଅତିଥି ମାନେ ଉଦ୍‌ଘାଟନ୍ କରିଥିଲେ । ଆଏବା ୭ ଦିନ୍‌ତକ୍ ଚାଲ୍‌ବାର୍‌କେ ଥିବା କାର୍ଯ୍ୟକ୍ରମ୍‌ଥି ଭିନ୍ ଭିନ୍ ଷ୍ଟଲ୍ ନ ସ୍ୱୟଂ ସହାୟକ ଗୋଷ୍ଠୀ ତର୍‌ଫୁ ତିଆର୍ ସାମଗ୍ରୀ ଆଉ ପାରମ୍ପାରିକ୍ ଦରବ୍‌ର ବିକ୍ରି ସୁଯୋଗ୍ ଦିଆଯାଇଛେ ।

ରାଜ୍ୟ ବେଡ୍‌ମିଂଟନ୍ ରେଙ୍କିଙ୍ଗ୍ ଟୁର୍ଣ୍ଣାମେଂଟ

ବୌଦ୍ଧ ସମ୍ବାଦଦାତା

ରାଜ୍ୟ ବେଡ଼ିମିଂଟନ୍ ଏସୋସିଏସନ୍ ସହଯୋଗ୍‌ଥି ବୌଦ୍ଧ ଜିଲ୍ଲା ବେଡ଼ମିଂଟନ୍ ଏସୋସିଏସନ୍ ତର୍‌ଫୁ ଜିଲ୍ଲା ଇନ୍‌ଡୋର୍ ଷ୍ଟାଡ଼ିୟମ୍ ଠାନେ ୩ ଦିନ୍ ଧରିକରି ଚାଲିଥିବା ରାଜ୍ୟ ବେଡ୍‌ମିଂଟନ୍ ରେଙ୍କିଙ୍ଗ୍ ଟୁର୍ଣ୍ଣାମେଂଟ୍ ଉଦ୍‌ଯାପିତ୍ ହେଇଯାଇଛେ । ଉଦ୍‌ଯାପନୀ ଉତ୍ସବ୍‌ଥି ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାଏକ୍ ଆଉ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ୍ ରାହୁଲ୍ ଗୋୟଲ୍ ଯୋଗ୍ ଦେଇକରି ବିଜେତା ଆଉ ଉପବିଜେତା

ଦଲ୍‌କେ ପୁରସ୍କୃତ୍ କରିଛନ୍ । ଟୁର୍ଣ୍ଣାମେଂଟ୍‌ଥି ରାଜ୍ୟର୍ ବଛାବଛା ୧୭ ଝନ୍ ମହିଲା ଖେଲାଲିଙ୍କର୍ ସହେତେ ମୋଟ୍ ଶହେ ୨୮ ଝନ୍ ଖେଲାଲି ଭାଗ୍ ନେଇଥିଲେ ।